# Akashvani, Sambalpur

## SAMBALPURI NEWS EVENING BULLETIN

## 18 January 2026 - 7.02 pm- 7.12 pm.

*********************************************

୧- କଲାହାଣ୍ଡି ଜିଲ୍ଲା ନ ଆଏଜ୍ ୮ ଶହ କୋଟିନୁ ଅଏତ୍କା ଟଙ୍କାର୍ ଭିନ୍ ଭିନ୍ ପ୍ରକଳ୍ପର୍ ଉଦ୍‌ଘାଟନ୍ ଆଉ ଶିଳାନ୍ୟାସ୍ କର୍‌ବେ ମୁଖ୍ୟମନ୍ତ୍ରୀ ।

୨- ୨୦୨୭ ମସିହାତକ୍ ରାଏଜେ ୫୦ ଲାଖ୍ ଲକ୍ଷପତି ଦିଦି ତିଆର୍ କର୍‌ବାର୍ ଲାଗି ଲକ୍ଷ୍ୟ ରଖିଛନ୍ ରାଜ୍ୟ ସର୍‌କାର୍ ।

୩- ହୀରାକୁଦ୍ ସହେତେ ରାଜ୍ୟର୍ ଭିନ୍ ଭିନ୍ ବନ୍ୟପ୍ରାଣୀ ଡିଭିଜନ୍ ନ ହେଇଛେ ପକ୍ଷୀ ଗନ୍‌ତି ।

ଆଉର୍

୪- ସମ୍ବଲ୍‌ପୁର୍ ନ ଆଏଜ୍‌ଠାନୁ ମୁଳ୍ ହେଉଛେ ସମ୍ବଲ୍‌ପୁରୀ ଧନୁଯାତ୍ରା ମହୋତ୍ସବ ।

ମୁଖ୍ୟମନ୍ତ୍ରୀ - କଲାହାଣ୍ଡି        କଲାହାଣ୍ଡି ସମ୍ବାଦଦାତା

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏଜ୍ କଲାହାଣ୍ଡି ଗସ୍ତଥି ଆସିକରି ଜିଲ୍ଲା ନ ୮ ଶହ କୋଟିନୁ ଅଏତ୍‌କା ଟଙ୍କାର୍ ଭିନ୍ ଭିନ୍ ପ୍ରକଳ୍ପର୍ ଉଦ୍‌ଘାଟନ୍ ଆଉ ଶିଲାନ୍ୟାସ୍ କର୍‌ବେ । ମୁଖ୍ୟମନ୍ତ୍ରୀ କଲାହାଣ୍ଡି ଜିଲ୍ଲା ପୁହୁଁଚିକରି ପହେଲା ମା ମାଣିକେଶ୍ୱରୀଙ୍କର୍ ଦର୍ଶନ୍ କରିଛନ୍ । ତାର୍ ଉତ୍‌ରୁ ବେଲ୍‌ବୁଡ଼େ ଭବାନୀପାଟ୍‌ନା ଠାନେ ଚାଲୁଥିବା ୨୮ ନମ୍ବର୍ କଲାହାଣ୍ଡି ଉତ୍ସବ୍ ଘୁମ୍‌ରା ୨୦୨୬ ର ଉଦ୍‌ଯାପନୀ ସଞ୍ଜେ ଯୋଗ୍ ଦେଇକରି  ଜିଲ୍ଲାବାସୀଙ୍କୁ ସମ୍ବୋଧନ୍ କର୍‌ବେ । ରାଜ୍ୟର୍ ଫି ଇଲାକା ନ ବିକାଶ୍ ପୁହୁଁଚାବାର୍ ସହେତେ ଗୁଟେ ସଶକ୍ତ ଆଉ ସମୃଦ୍ଧ ଓଡ଼ିଶା ଗଠନ୍ କର୍‌ବାର୍‌ଟା ସର୍‌କାର୍‌ଙ୍କର୍ ମୁଖ୍ୟ ଲକ୍ଷ୍ୟ ଆଏ ବଲି ସାମାଜିକ୍ ଗଣମାଧ୍ୟମ୍ ଜରିଏ ମୁଖ୍ୟମନ୍ତ୍ରୀ କହିଛନ୍ । ରାଜ୍ୟର୍ ପ୍ରଗତିର୍ ରାହାକେ ଅଏତ୍‌କା ପ୍ରଶସ୍ତ କର୍‌ବାର୍ ଲାଗି ସର୍‌କାର୍‌ଙ୍କର୍ ତର୍‌ଫୁ ନିଆଯାଉଥିବା ବିକାଶ୍‌ମୂଲକ୍ ପଦକ୍ଷେପ୍ ମାନ୍‌କର୍ ଜରିଏ କଲାହାଣ୍ଡି ଜିଲ୍ଲାର୍ ଲୁକ୍‌କର୍ ଜୀବନ୍ ଧାରଣ୍‌ଥି ଉନ୍ନତି ଆସ୍‌ବା ବଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ ।

ମୁଖ୍ୟମନ୍ତ୍ରୀ-ପ୍ରଗତି ପ୍ରବାହ        ଆଇ.ଆଣ୍ଡ୍.ପି.ଆର୍

ରାଜ୍ୟ ସରକାର୍‌ଙ୍କର୍ ସୂଚନା ଆଉ ଲୋକସମ୍ପର୍କ ବିଭାଗ୍ ତରଫୁ ପ୍ରକାଶିତ୍ ମୁଖପତ୍ର ପ୍ରଗତି ପ୍ରବାହକେ ଆଏଜ୍ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ନିଜର୍ ଆବାସିକ୍ କାର୍ଯ୍ୟାଳୟ ନ ଉନ୍ମୋଚନ୍ କରିଛନ୍ । ପ୍ରଗତି ପ୍ରବାହ ରାଜ୍ୟର୍ ବିକାଶ୍‌ର ପ୍ରତିଛବି ଆଏ ବଲି ମୁଖ୍ୟମନ୍ତ୍ରୀ ଇ ଅବ୍‌ସରେ କହିଛନ୍ । ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀ- ଝାର୍‌ସୁଗୁଡ଼ା ଜିଲ୍ଲାର୍ ଲଖନ୍‌ପୁର୍ ଗାଁର୍ ଝନେ ସଫଲ୍ ଯୁବ ଚାଷୀ ହୃଦାନନ୍ଦ ବିଶିଙ୍କୁ ସମ୍ମାନିତ୍ କର୍‌ବାର୍ ସହେତେ ତାଙ୍କର୍ ସଫଲତା ଲାଗି ଶୁଭେଚ୍ଛା ଜନେଇଥିଲେ ।

ପ୍ରଭାତୀ ପରିଡ଼ା -ଲକ୍ଷପତି ଦିଦି ଆର୍‌ଏନ୍‌ୟୁ/ କଟକ୍

ରାଏଜେ ଆଏବା ୨୦୨୭ ମସିହାତକ୍ ୫୦ ଲାଖ୍ ଲକ୍ଷପତି ଦିଦି ତିଆର୍ କର୍‌ବାର୍‌କେ ସରକାର୍ ଲକ୍ଷ୍ୟ ରଖିଛନ୍ ବଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ । ଖୋର୍ଦ୍ଧା ଜିଲ୍ଲା ସଦର୍ ମହକୁମା ନ ହେଇଥିବା ୭ ଦିନିଆ ଜିଲ୍ଲାସ୍ତରୀୟ ପଲ୍ଲିଶ୍ରୀ ମେଳା ଆଉ ମହୋତ୍ସବ୍‌କେ ଗଲାକାଏଲ୍ ଉଦ୍‌ଘାଟନ୍ କରିକରି ଶ୍ରୀମତୀ ପରିଡ଼ା କହିଛନ୍, ନାରୀ ଅଦାଲତ୍ ଆଉ ସୁଭଦ୍ରା ଶକ୍ତିକେନ୍ଦ୍ର ଜରିଏ ଗାଁ ଇଲାକାର୍ ଅର୍ଥନୀତି ଅଏତ୍‌କା ଗତିଶୀଲ୍ ହେଇପାରିଛେ ।

କୃଷି ଓଡ଼ିଶା-୨୦୨୬ ଆର୍‌ଏନ୍‌ୟୁ/ ସମ୍ବଲପୁର

ଭୁବ୍‌ନେଶ୍ୱର୍ ବର୍‌ମୁଣ୍ଡା ଠାନେ ଥିବା ବିଜୁ ପଟ୍ଟନାୟକ୍ ଖେଲ୍ ପଡ଼ିଆ ନ ଆଏବା ୨୨ ନୁ ୨୪ ତାରିଖ୍‌ତକ୍ ଓଡ଼ିଶା କୃଷି ମହାକୁମ୍ଭ- କୃଷି ଓଡ଼ିଶା-୨୦୨୬ର ଆୟୋଜନ୍ କରାଯିବା । ଅନ୍ତର୍ଭୁକ୍ତିକରଣ୍ ଜରିଏ ସହନ୍‌ଶୀଲ୍ ଚାଷ୍ ଇ ବଛ୍‌ରର୍ କାର୍ଯ୍ୟକ୍ରମ୍‌ର ବିଷୟବସ୍ତୁ ରହିଛେ । କାର୍ଯ୍ୟକ୍ରମ୍‌କେ ନେଇକରି ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ନ ଗଲାକାଏଲ୍ ଗୁଟେ ପ୍ରସ୍ତୁତି ବୈଠକ୍ ହେଇଯାଇଛେ । ବୈଠକ୍‌ଥି ଉପମୁଖ୍ୟମନ୍ତ୍ରୀ ଆଉ କୃଷିମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ, ବିଭାଗର୍ ଅତିରିକ୍ତ ମୁଖ୍ୟ ଶାସନ୍ ସଚିବ ଡକ୍ଟର୍ ଅରବିନ୍ଦ ପାଢ଼ୀ ପ୍ରମୁଖ ଉପସ୍ଥିତ୍ ଥିଲେ ।

ସ୍ୱାସ୍ଥ୍ୟମନ୍ତ୍ରୀ-ଝାର୍‌ସୁଗୁଡ଼ା          ଝାର୍‌ସୁଗୁଡ଼ା ସମ୍ବାଦଦାତା

କେନ୍ଦ୍ର ସର୍‌କାର୍‌ଙ୍କର୍ ବିକଶିତ ଭାରତ୍ ଜୀ ରାମ୍ ଜୀ ଗ୍ରାମୀଣ୍ ନିଯୁକ୍ତି ଆଉ ଜୀବିକାକେ ମଜ୍‌ବୁତ୍ କର୍‌ବା ବଲି ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ୍ ଝାର୍‌ସୁଗୁଡ଼ା ଠାନେ ହେଇଥିବା ଗୁଟେ ସାମ୍ବାଦିକ୍ ସମ୍ମିଳନୀଥି କହିଛନ୍ । କେନ୍ଦ୍ର ନ ଥିବା ବିଜେପି ସର୍‌କାର୍ ମନ୍‌ରେଗା ଜାଗା ନ ଗ୍ରାମୀଣ ନିଯୁକ୍ତିକେ ଗୁଟେ ନୂଆଁ ପରିଭାଷା ଦେଇକରି ଭିବିଜିରାମ୍‌ଜୀ ଆଇନ୍ - ୨୦୨୫ କାର୍ଯ୍ୟକାରୀ କରିଛନ୍ । ଯେନ୍‌ଥିର୍‌ଲାଗି ଗ୍ରାମୀଣ୍

ସ୍ୱାବଲମ୍ବନ୍ ନିଯୁକ୍ତି ଆଉ ଜୀବିକାକେ ବର୍‌କସ୍ କର୍‌ବାର୍ ସହେତେ ଗରିବ୍ ଲୁକ୍‌କୁ ନିଯୁକ୍ତି ମିଲିପାର୍‌ବା । ଇତାର୍‌ସହେତେ ପ୍ରଧାନ୍‌ମନ୍ତ୍ରୀ ଦେଖୁଥିବା ବିକଶିତ୍ ଭାରତ୍ ୨୦୪୭ ଆଉ ବିକଶିତ୍ ଓଡ଼ିଶା ୨୦୩୬ ର ସପନ୍ ସାକାର୍ ହେଇପାର୍‌ବା । ପଂଚାୟତ୍ ସବୁ ଜିଆଇଏସ୍ ପ୍ରଯୁକ୍ତି ବିଦ୍ୟା ବେଭାର୍ କର୍‌ବାର୍ ସହେତେ ଇ ଯୋଜ୍‌ନାକେ ପିଏମ୍ ଗତିଶକ୍ତି ସହେତେ ଜୁଡ଼ାଯିବା ବଲି ମନ୍ତ୍ରୀ ଶ୍ରୀ ମହାଲିଙ୍ଗ୍ ସୂଚ୍‌ନା ଦେଇଛନ୍ ।

(ଭଏସ୍ ଓଭର୍- ଡକ୍ଟର୍ ମହାଲିଙ୍ଗ୍)

ସାମ୍ବାଦିକ୍ ସମ୍ମିଲନୀଥି ଝାର୍‌ସୁଗୁଡ଼ା ବିଧାୟକ୍ ଟଙ୍କଧର୍ ତ୍ରିପାଠୀ ଆଉ ଅଲ୍‌ଗା ବିଶିଷ୍ଟ ବ୍ୟକ୍ତିବିଶେଷ୍ ଯୋଗ୍ ଦେଇଥିଲେ ।

ଜାତୀୟ କୃମି ଦିବସ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟର୍ ସବୁ ବିଦ୍ୟାଲୟ ନ ଆଏବା ଫେବୃଆରୀ ୧୦ ତାରିଖ୍ ଦିନ ଜାତୀୟ କୃମି ଦିବସ୍ ପାଳନ୍ କରାଯିବା । ଶିକ୍ଷକ୍‌ମାନ୍‌କର୍ ଦେଖ୍‌ରେଖ୍‌ଥି ୬ ନୁ ୧୯ ବଛରର୍ ବୟସର୍ ବିଦ୍ୟାଲୟର୍ ଛାତ୍ରଛାତ୍ରୀମାନ୍‌କୁ କୃମିନାଶକ୍ ଉଷୋ ଦିଆଯିବା । ଯଦି କେନ୍‌ସି ଛୁଆ ସେହିଦିନ ଅନୁପସ୍ଥିତ ଥିବେ ବେଲେ ସେମାନ୍‌କୁ ୧୭ ତାରିଖ୍ ଦିନ ଉଷୋ ଦିଆଯିବା । ଇଥିର୍‌ଲାଗି ସବୁ ଜିଲ୍ଲା ଶିକ୍ଷାଅଧିକାରୀ ଆଉ ବ୍ଲକ୍ ଶିକ୍ଷା

ଅଧିକାରୀଙ୍କୁ ବିଦ୍ୟାଳୟ ଆଉ ଗଣଶିକ୍ଷା ବିଭାଗ୍ ତର୍ଫୁ ଚିଠି କରାଯାଇଛେ ।

ପକ୍ଷୀ ଗନ୍ନା        ସମ୍ବଲପୁର/ପୁରୀ ସମ୍ବାଦଦାତା

ହୀରାକୁଦ୍ ଜଲ୍ଭଣ୍ଡାର୍ ଆର୍ ଆଦ୍ରଭୂମି ଅଂଚଲ୍ ନ ଆଏଜ୍ ପକ୍ଷୀ ଗନ୍ନା ଶେଷ୍ ହେଇଛେ । ଫି' ବଛର୍ ବାଗିର୍ ଇ ବଛର୍ ଭିଲ୍ ହୀରାକୁଦ୍ ବନ୍ୟପ୍ରାଣୀ ଡିଭିଜନ୍ ତର୍ଫୁ ସଖାଲର୍ ୬ ବଜେନୁ ବେଲ୍ବୁଡ଼ାର୍ ୫ ବଜେତକ୍ ପକ୍ଷୀ ଗନ୍ନା କରାଯାଇଲା । ଇ ବଛର୍ ସାରା ଜଲ୍ଭଣ୍ଡାର୍କେ ୨୧ ଟା ସେକ୍ଟର୍ଥି ଭାଗ୍ କରାଯାଇଛେ । ଜଲ୍ଭଣ୍ଡାର୍ ୫ ଶହ ୩୩ ବର୍ଗ କିଲୋମିଟର୍ତକ୍ ଇ ଗନ୍ନା କରାଯିବାର୍ ସହେତେ ପାୱାର୍ କେନାଲ୍ର ୫ ଦଶ୍ମିକ୍ ୭ ବର୍ଗକିଲୋମିଟର୍ ଇଥି ସାମିଲ୍ ଥିଲା ।  ଇ ବଛର୍ ଛତିଶ୍ଗଡ଼୍ ସୀମ୍ନାର୍ ସୁଖାସୋଢ଼ା ଆଉ ଅନ୍ତରାଡ଼ିତକ୍ ଇ ଗନ୍ନା କରାଯାଇଛେ । ଇଥିର୍ଲାଗି ୩୭ ଟା ବୋଟ୍ଥି ୯୨ ଝନ୍ ୩୭ ଟା ଦଲ୍ଥି ଭାଗ୍ ହେଇକରି ଯାଇଥିଲେ । ପକ୍ଷୀ ଗନ୍ତିର୍ ଫଲାଫଲ୍ ଆଏବା ୩ ଦିନ୍ ଭିତ୍ରେ ଜନାପଡ଼୍ବା ବଲି ହୀରାକୁଦ୍ ବନ୍ୟପ୍ରାଣୀ ଡିଭିଜନ୍ ଡିଏଫ୍ଓ ଅଂଶୁପ୍ରଜ୍ଞା ଦାସ କହିଛନ୍ ।
ସେଆଡ଼େ ଚିଲିକା ବନ୍ୟପ୍ରାଣୀ ଡିଭଜନ୍ ଆଉ ପୁରୀ ବନ୍ୟପ୍ରାଣୀ ଡିଭଜନ୍ ନ ଭିଲ୍ ଆଏଜ୍ ପକ୍ଷୀ ଗନ୍ତି କରାଯାଇଛେ । ମୋଟ୍ ୨୨ ଟା ଦଲ୍ ଇ ଗନ୍ତି କାମ୍ଥି ଲାଗିଥିଲେ ।

ବାଲୁଗାଁ ପାଖର୍ ବଡ଼କୂଳର ସିଡ଼ିଏ ଆର୍ଦ୍ରଭୂମି ଗବେଷଣା କେନ୍ଦ୍ର ସମ୍ମିଳନୀ କକ୍ଷ ନ ଗଲାକାଏଲ୍ ଶହେ ୨୦ ଝନ୍ ଗନ୍ନାକାରୀଙ୍କୁ ତାଲିମ୍ ଦିଆଯାଇଥିଲା । ସେନ୍ତା ୨୦ ତାରିଖ୍‌ନୁ ଡାଲ୍‌ଫିନ୍ ଗନ୍ତି କରାଯିବା ।

ସାତକୋଶିଆ - ପକ୍ଷୀ ଗଣ୍ନା ବୌଦ୍ଧ ସମ୍ବାଦଦାତା

ମହାନଦୀ ବନ୍ୟପ୍ରାଣୀ ଅଭୟାରଣ୍ୟର୍ ସାତକୋଶିଆ ଗଣ୍ଡ ନ ପକ୍ଷୀ ଗଣ୍ନା ମୁଲ୍ ହେଇଛେ । ମହାନଦୀ ବନ୍ୟପ୍ରାଣୀ ଅଧିକାରୀଙ୍କର୍ ନେତୃତ୍ୱଥି କୁସଙ୍ଗ ରେଞ୍ଜ୍ ଅଧୀନ୍‌ଥି ଥିବା ୩ ଟା ଦଲ୍ ପକ୍ଷୀ ଗନ୍ନାଥି ସାମିଲ୍ ହେଇଛନ୍ । ମହାନଦୀର୍ ସାତକୋଶିଆ ଗଣ୍ଡ ମାରଡ଼ାନୁ ଶୀତଲ୍‌ପାଣି, ଶୀତଲ୍‌ପାଣିନୁ ହର୍‌ଭଙ୍ଗା ଆଉ ହର୍‌ଭଙ୍ଗାନୁ ଅଏଡ଼ାତକ୍ ଇ ତିନ୍‌ହି ଦଲ୍ ପକ୍ଷୀ ଗନ୍ନା କରିଛନ୍ ।

ଉନ୍ନୟନ କମିଟି ବୈଠକ ଆର୍‌ଏନ୍‌ୟୁ/ କଟକ

ଇ ଶିକ୍ଷା ବଛ୍‌ରର୍ ୪ ନମ୍ବର୍ ଅଭିଭାବକ୍, ଶିକ୍ଷକ୍, ଶିକ୍ଷୟିତ୍ରୀ, ବିଦ୍ୟାଳୟ ପରିଚାଳନା ଆଉ ଉନ୍ନୟନ କମିଟି ବୈଠକ ଗଲାକାଏଲ୍ ସାରା ରାଏଜେ ହେଇଯାଇଛେ । ପଢ଼ିବା, ଗଢ଼ିବା ଓଡ଼ିଶା, ପଠନ, ପ୍ରୋତ୍ସାହନ୍ ଅଭିଯାନ୍, ଡିଜିଟାଲ୍

ଶିକ୍ଷା, ଭିନ୍ନକ୍ଷମ୍ ଶିକ୍ଷାର୍ଥୀମାନ୍‌କର୍ ଲାଗି ରହିଥିବା ସୁବିଧା ସୁଯୋଗ୍ ଆଉ ଛାତ୍ରଛାତ୍ରୀମାନ୍‌କର୍ ପ୍ରଗତିକେ ନେଇକରି ଭିନ୍ ଭିନ୍ ପ୍ରସଙ୍ଗଥି ବୈଠକ୍‌ଥି ଆଲୋଚନା ହେଇଛେ । ଛାତ୍ରଛାତ୍ରୀମାନ୍‌କର୍ ଗୁଣାତ୍ମକ ବିକାଶ୍ ଆଉ ବିଦ୍ୟାଳୟ ଉନ୍ନତିକରଣ୍ ଲକ୍ଷ୍ୟ ନେଇକରି ସାରା ରାଏଜେ ଗୁଟେ ଦିନେ ଅଭିଭାବକ୍ ଶିକ୍ଷକ୍ ସମ୍ମିଳନୀର୍ ଆୟୋଜନ୍ କରାଯାଏସି ।

ଜେଇଇ -୨୦୨୬ ଆର୍‌ଏନ୍‌ୟୁ/ ସମ୍ବଲପୁର

ଯୁଗ୍ମ ପ୍ରବେଶିକା ପରୀକ୍ଷା - ଜେଇଇ -୨୦୨୬ ସେସନ୍ -୧ର ପରୀକ୍ଷା ଆଏବା ୨୧ ତାରିଖ୍‌ନୁ ମୁଲ୍ ହେବା । ୨୧ ନୁ ୨୪ ତାରିଖ୍‌ତକ୍ ପେପର୍ -୧ ପରୀକ୍ଷା ହେବା । ପହେଲା ସିଫ୍ଟ ପରୀକ୍ଷା ସଖାଲର୍ ୯ ନୁ ମଏଧାନର୍ ୧୧ ବଜେତକ୍ ଆଉ ୨ ନମ୍ବର୍ ସିଫ୍ଟ ପରୀକ୍ଷା ଉପର୍‌ବେଲାର୍ ୩ ନୁ ୬ ବଜେତକ୍ ହେବା । ପରୀକ୍ଷା ଲାଗି ଏଡ଼ମିଟ୍‌କାର୍ଡ଼ ଜାତୀୟ ପରୀକ୍ଷଣ୍ ସଂସ୍ଥାନ୍- ଏନ୍‌ଟିଏ ୱେବ୍‌ସାଇଟ୍‌ଥି ମିଲୁଛେ ।

ସମ୍ବଲ୍‌ପୁରୀ ଧନୁଯାତ୍ରା ସମ୍ବଲ୍‌ପୁର୍ ସମ୍ବାଦଦାତା

ସମ୍ବଲ୍‌ପୁର୍ ନ ଆଏଜ୍‌ଠାନୁ ମୁଲ୍ ହେଇଛେ ସମ୍ବଲ୍‌ପୁରୀ ଧନୁଯାତ୍ରା । ଧନୁଯାତ୍ରା କମିଟି ତରଫୁ ଆଏଜ୍ ସଖାଲେ

ସମ୍ଲେଇ ଗୁଡ଼ିନୁ ଗୁଟେ ସାଂସ୍କୃତିକ୍ ଶୋଭାଯାତ୍ରା ବାହାରିକରି ନଗର୍ ପରିକ୍ରମା କରିଥିଲା । ଆଏବା ୨୨ ତାରିଖ୍‌ତକ୍ ହେବାର୍‌କେ ଥିବା ଧନୁଯାତ୍ରା ଲାଗି ଗଙ୍ଗାଧର୍ ମଣ୍ଡପ୍ ମଥୁରା ନଗରୀ ଆର୍ ଚାଉଁର୍‌ପୁର୍ ଗୋପପୁର ହେଇଛେ । କାର୍ଯ୍ୟକ୍ରମ୍‌କେ ରେଢ଼ାଖୋଲ୍ ବିଧାୟକ୍ ପ୍ରସନ୍ନ ଆଚାର୍ଯ୍ୟ ଉଦ୍‌ଘାଟନ୍ କର୍‌ବାର୍ କାର୍ଯ୍ୟସୂଚୀ ରହିଛେ । ଇ ବାବ୍‌ଦେ ଅଏତ୍‌କା ସୂଚନା ଦେଇଛନ୍ ସମ୍ବଲ୍‌ପୁରୀ ଧନୁଯାତ୍ରା କମିଟିର୍ ସଭାପତି ସଞ୍ଜୟ ବାବୁ...

(ଭଏସ୍ ଓଭର୍- ସଞ୍ଜୟ ବାବୁ)

ଇନ ଜନେଇ ଦିଆଯାଇପାରେ ଯେ, ସମ୍ବଲ୍‌ପୁରୀ ଭାଷା, ସାହିତ୍ୟ ଆର୍ ସଂସ୍କୃତିର୍ ପ୍ରଚାର୍ ପ୍ରସାର୍ ଲାଗି ଗଲା ୨ ବଛର୍ ହେଲା ସମ୍ବଲ୍‌ପୁର୍ ଠାନେ ଇ ସମ୍ବଲ୍‌ପୁରୀ ଧନୁଯାତ୍ରା ମୁଲ୍ ହେଇଛେ ।

ସୁଭଦ୍ରା ଶକ୍ତିମେଳା-ପ୍ରସ୍ତୁତି ବୈଠକ୍ ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲାପାଳ୍‌ଙ୍କର୍ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ ନ ଜିଲ୍ଲାପାଳ୍ ବିଭୂତି ଭୂଷଣ୍ ନାୟକଙ୍କର୍ ଅଧ୍ୟକ୍ଷତାଥି ଜିଲ୍ଲାସ୍ତରୀୟ ସୁଭଦ୍ରା ଶକ୍ତିମେଳାର୍ ଲାଗି ଗୁଟେ ପ୍ରସ୍ତୁତି ବୈଠକ୍ ହେଇଯାଇଛେ । ଆଏବା ଫେବୃଆରୀ ୭ ନୁ ୧୪ ତାରିଖ୍‌ତକ୍ ହେବାର୍‌କେ ଥିବା ଇ ମେଳାଥି ଶହେ ୨୦ ଟା ଷ୍ଟଲ୍ ଖୁଲାଯିବା । ମେଳାଥି ଜିଲ୍ଲାର୍ ଭିନ୍ ଭିନ୍ ମହିଳା ସ୍ୱୟଂ ସହାୟକ

ଗୋଷ୍ଠୀ, ଜିଲ୍ଲାର୍ ସ୍ୱୟଂ ସହାୟକ ଗୋଷ୍ଠୀ, ବିଭାଗୀୟ ଷ୍ଟଲ୍ ଆଉ ଜରୁରୀ ସେବା ଷ୍ଟଲ୍‌ମାନ୍ ରହେବା ବଲି ବୈଠକ୍‌ନୁ ସୂଚ୍‌ନା ମିଲିଛେ ।

ଖଡ଼ିଆଲ୍ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ର      ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ଖଡ଼ିଆଲ୍ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରକେ କାୟାକଳ୍ପ ଆଉ ଆନୁସଙ୍ଗିକ ବ୍ୟବସ୍ଥା ଆଉ ଥିତି ଅନୁଧ୍ୟାନ୍‌କେ ନେଇକରି ରାଜ୍ୟ ପ୍ରତିନିଧି ଦଲ୍ ପରିଦର୍ଶନ୍ କରିକରି ସୁବିଧା ଯୁଗାବାର୍‌ଥି ସନ୍ତୋଷ ଜନକ୍ ଆଏ ବଲି କହିଛନ୍ । ଖଡ଼ିଆଲ୍ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରକେ ପରିଦର୍ଶନ୍ କରିକରି ଭିନ୍ ଭିନ୍ ବ୍ୟବସ୍ଥା ବାବ୍‌ଦେ ପ୍ରତିନିଧି ଦଲ୍ ତଦାରଖ୍ କରିଛନ୍ । ବର୍ଜ୍ୟବସ୍ତୁର ଉପଯୁକ୍ତ ପ୍ରଶମନ କର୍‌ବାର୍ ଲାଗି ଦଲ୍ ଆହ୍ୱାନ୍ ଦେଇଛନ୍ ।

ପାଣିପାଗ      ଆର୍‌ଏନ୍‌ୟୁ/ ସମ୍ବଲପୁର

ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର୍ ସୂଚ୍‌ନା ଅନ୍‌ସାରେ ଆଏଜ୍‌ଠାନୁ ରାଏଜେ ଶୀତ୍‌ର ପ୍ରଭାବ୍ କମ୍‌ବା । ରାତି ତାପମାତ୍ରା ୨ ନୁ ୪ ଡିଗ୍ରୀତକ୍ ବଢ଼୍‌ବାର୍ ସମ୍ଭାବନା ରହିଛେ । ଅନୁଗୁଲ୍ ଆଉ ଝାର୍‌ସୁଗୁଡ଼ା ଜିଲ୍ଲାର୍ ଗୁଟେ /୨

ଟା ଜାଗା ନ ଅଏତ୍‌କା ଶୀତ୍ ହେବା । କଲାହାଣ୍ଡି ଜିଲ୍ଲା ନ ଭିଲ୍ କେତେଟା ଜାଗା ନ କୁହୁଡ଼ି ଦେଖାଦେଇପାରେ ।